| Article Date | Headline / Summary | Publication |
|---|---|---|
| 25 Sep 2026 | Bajaj General Insurance rolls out special motor cover for defence personnel | Dharitri (Oriya) |

# ପ୍ରତିରକ୍ଷା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ମୋଟର ବୀମା ଘୋଷଣା

ଭୁବନେଶ୍ୱର, ୨୪।୯

ପ୍ରତିରକ୍ଷା କର୍ମଚାରୀଙ୍କ ବ୍ୟକ୍ତିଗତ ଯାନ ପାଇଁ ବଜାଜ ଜେନେରାଲ ଇନସ୍ୟୁରାନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ମୋଟର ବୀମା ଯୋଜନା ଘୋଷଣା କରାଯାଇଛି । ସାଧାରଣ ବୀମା ତୁଳନାରେ ଏହି ଯୋଜନା ପ୍ରତିରକ୍ଷା କର୍ମଚାରୀଙ୍କ ଗତିଶୀଳତା ଏବଂ ଦୂରଦୂରାନ୍ତ ନିଯୁକ୍ତି ସମୟରେ ଉପୁଜୁଥିବା ଆର୍ଥିକ ଅନିଶ୍ଚିତତାରୁ ସୁରକ୍ଷା ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀର ମୁଖ୍ୟ ଟେକ୍ନିକାଲ ଅଧିକାରୀ ଅମରନାଥ ସକ୍ସେନା କହିଛନ୍ତି ସୈନିକଙ୍କ ସ୍ଥାନାନ୍ତରଣ ସମୟରେ ନିଜସ୍ୱ ଯାନବାହନର ପରିବହନ ବେଶ ଚ୍ୟାଲେଞ୍ଜପୂର୍ଣ୍ଣ ହୋଇଥିବାରୁ ଏହାକୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ବୀମା ପ୍ରସ୍ତୁତ କରାଯାଇଛି ।